# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20th December - 2024**

**News Editor *: Itishree Singh Rathaur***

***************************************

## ମୁଖ୍ୟ ସମ୍ବାଦ

- ରାଜସ୍ଥାନରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ଲାଗି ନୂତନ କୃଷିନୀତି କାର୍ଯ୍ୟକାରୀ ହେବ; କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।

- ବଣ୍ଡା ଅଞ୍ଚଳରେ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ନେଇ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଏବଂ

- ଲଘୁଚାପର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବାନେଇ ୪ଟି ଜିଲ୍ଲାକୁ ସତର୍କ ସୂଚନା ।

*Desk*

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନର ଜୟଶାଲ୍‌ମେର୍‌ରେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି । ଏହା ସହ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିବା ସୂଚନା ମିଳିଛି ।

ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ରାଜସ୍ଥାନରେ ଜିଏସ୍‌ଟି ପରିଷଦର ୫୫ତମ ବୈଠକରେ ଯୋଗଦେବେ । ଏହାପରେ ଦିଲ୍ଲୀକୁ ଫେରି ସେଠାରେ ପ୍ରଧାନମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ଅନ୍ୟ ବରିଷ୍ଠ ସଦସ୍ୟଙ୍କୁ ସାକ୍ଷାତ କରି ଭୁବନେଶ୍ୱରରେ ଆସନ୍ତା ମାସରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ଏବଂ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଯୋଗଦେବା ପାଇଁ ନିମନ୍ତ୍ରଣ ଜଣାଇବେ ବୋଲି ସୂଚନା ମିଳିଛି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲିଠାରୁ ୫ ଦିନିଆ ନୂଆଦିଲ୍ଲୀ ଓ ରାଜସ୍ଥାନ ଗସ୍ତରେ ଯାଇଛନ୍ତି । ଆସନ୍ତା ୨୩ ତାରିଖରେ ଶ୍ରୀ ମାଝୀ ଓଡ଼ିଶା ଫେରିବାର କାର୍ଯ୍ୟସୂଚୀ ରହିଛି ।

*IPR*

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୩ ତାରିଖ ସୋମବାର ଦିନ ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ସରକାରୀ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ।

*Desk*

## ରାଜ୍ୟପାଳ - ଅର୍ଥସେବା

ଦୃଢ଼ ଇଚ୍ଛାଶକ୍ତି, ନୈତିକତା, ସାଧୁତା ଓ କର୍ତ୍ତବ୍ୟପରାୟଣତାକୁ ସର୍ବଦା ପ୍ରାଧାନ୍ୟ ଦେବାକୁ ରାଜ୍ୟପାଳ ରଘୁବର ଦାସ ଓଡ଼ିଶା ଅର୍ଥସେବାର ଅଧିକାରୀମାନଙ୍କ ପରାମର୍ଶ ଦେଇଛନ୍ତି । ରାଜଭବନର ଅଭିଷେକ ହଲ୍‌ଠାରେ ଓଡ଼ିଶା ଅର୍ଥସେବା ୨୦୨୧ ବ୍ୟାଚ୍‌ର ୪୮ ଜଣ ପ୍ରୋବେସନର୍‌ଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ଅର୍ଥ ଉପରେ ରାଜ୍ୟର ବିକାଶ ନିର୍ଭର କରୁଛି ଓ ଅର୍ଥସେବାର ଅଧିକାରୀଙ୍କ ଉପରେ ଏହାର ଗୁରୁଦାୟିତ୍ୱ ନ୍ୟସ୍ତ ହୋଇଛି । ବିକଶିତ ଓଡ଼ିଶା ଗଠନରେ ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ରାଜ୍ୟପାଳ କହିଛନ୍ତି । ନୂଆବର୍ଷଠାରୁ ନୂଆ ଦାୟିତ୍ୱ

ଗ୍ରହଣ କରୁଥିବାରୁ ସମସ୍ତ ପ୍ରୋବେସନରଙ୍କୁ ଶୁଭେଚ୍ଛା ସହ ଉଜ୍ଜ୍ୱଳ ଭବିଷ୍ୟତର ରାଜ୍ୟପାଳ କାମନା କରିଛନ୍ତି ।

***HS***

# ନୂଆ କୃଷିନୀତି

ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ଲାଗି ନୂଆ କୃଷିନୀତି କାର୍ଯ୍ୟକାରୀ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି । ଏଥିରେ ଜୈବିକ କୃଷି ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ଚାଷୀଙ୍କ ଉତ୍ପାଦିତ ସାମଗ୍ରୀକୁ ବୈଦେଶିକ ବଜାରକୁ ପଠାଇବା ପାଇଁ ସ୍ୱତନ୍ତ୍ର କାର୍ଗୋ ଫ୍ଲାଇଟର ବ୍ୟବସ୍ଥା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଭୁବନେଶ୍ୱରଠାରେ 'ଓଡ଼ିଶାରେ ଅନ୍ତର୍ଭୁକ୍ତ କୃଷି ରୂପାନ୍ତରଣର ଅଗ୍ରଗତି' ଶୀର୍ଷକ ଏକ କର୍ମଶାଳାରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ସମଗ୍ରିକ ଏବଂ ସ୍ଥାୟୀ କୃଷି ସଂସ୍କାର କ୍ଷେତ୍ରରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ । କ୍ଷୁଦ୍ରଚାଷୀଙ୍କୁ ସଶକ୍ତ କରିବାପାଇଁ ବଜାର ସଂଯୋଗ ଗୁରୁତ୍ୱପୂର୍ଣ୍ଣ । ଚାଷୀଙ୍କୁ ନିରନ୍ତର ଜଳସେଚନ ସୁବିଧା ଯୋଗାଇ ଦେବା ସହ ଦାଦନ ସମସ୍ୟା ଦୂର କରିବାକୁ ସରକାର ପଦକ୍ଷେପ ନେଉଛନ୍ତି । ଏହାସହ ପଶୁ ସମ୍ପଦର ଉତ୍ପାଦନ ବୃଦ୍ଧି ପାଇଁ ଚାଷୀମାନଙ୍କୁ ସଚେତନ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । କର୍ମଶାଳାରେ ବିଭିନ୍ନ ଗବେଷଣା ସଂସ୍ଥାରୁ ବିଶେଷଜ୍ଞମାନେ ଯୋଗ ଦେଇଥିଲେ ।

*HS*

# ଆଳୁ ଉତ୍ପାଦନ

ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ବିହନ ମିଳୁ ନ ଥିବା ଅଭିଯୋଗକୁ ନେଇ ଶ୍ରୀ ସିଂହଦେଓ କହିଛନ୍ତି, ଚାଷୀମାନଙ୍କୁ ୩ ଗୁଣା ଅଧିକ ବିହନ ଯୋଗାଇ ଦିଆଯାଉଛି । ଏ ସଂକ୍ରାନ୍ତରେ ପ୍ରତ୍ୟେକ ଦିନ ବିଭାଗୀୟ ୱେବ୍‌ସାଇଟ୍‌ରେ ତଥ୍ୟ ଉପଲବ୍ଧ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

*Nuapada/R*

# ମନ୍ତ୍ରୀ - ମଣ୍ଡି ପରିଦର୍ଶନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ନୂଆପଡ଼ା ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାର ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି । ଜିଲ୍ଲାରେ ଚାଷୀଙ୍କୁ ଧାନ କୁଇଣ୍ଟାଲ୍ ପିଛା ୩୧ ଶହ ଟଙ୍କା ପ୍ରଦାନ କରାଯାଉଛି । ତେବେ ଚାଷୀଙ୍କ ପାଖରେ ଠିକ୍ ସମୟରେ ଅର୍ଥ ପହଞ୍ଚିବା ନେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ତଦାରଖ କରିଥିଲେ । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା

୫ ଲକ୍ଷ ୯୧ ହଜାର କୁଇଣ୍ଟାଲ୍ ଧାନ କ୍ରୟ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ପ୍ରଭାତୀ ପରିଡ଼ା - ମାଲକାନଗିରି

ବଣ୍ଡା ଜନଜାତିଙ୍କ ଆବାସ ଗୃହ ନିର୍ମାଣପାଇଁ ସରକାର ଅଧିକ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ାଠାରେ ସୁଭଦ୍ରା ଯେଜାନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରି ଶ୍ରୀମତୀ ପରିଡ଼ା କହିଛନ୍ତି, ସରକାର ବଣ୍ଡା ଜନଜାତିଙ୍କ ପାଇଁ ରାସ୍ତାଘାଟ, ଆବାସ ଯୋଜନାରେ ଘର, ବିଶୁଦ୍ଧ ପାନୀୟଜଳ ଏବଂ ପର୍ଯ୍ୟଟନର ବିକାଶ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ସୁଭଦ୍ରା ଯୋଜନାରେ ସହାୟତା ରାଶି ପାଇ ନ ଥିବା କେତେକ ବଣ୍ଡା ମହିଳାମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ଆସନ୍ତା ୨୫ ତାରିଖରେ ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ଯୋଜନା ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ବଣ୍ଡା ଜନଜାତିର ୧୫ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଘରବାଡ଼ି ଓ ଜଙ୍ଗଲଜମି ପଟ୍ଟା ବଣ୍ଟନ କରାଯାଇଥିଲା।

***Deogarh/R***

# ଧାନମଣ୍ଡି

ଦେବଗଡ଼ ଜିଲ୍ଲାରେ ଚଳିତ ବର୍ଷର ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଛି । ତିଳେଇବଣି ବ୍ଲକ୍ କଂସର ପ୍ରାଥମିକ ସମବାୟ ସମିତି ପରିସରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଓ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଧାନମଣ୍ଡିର ଶୁଭାରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କୁଇଣ୍ଟାଲ୍ ଧାନକ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୪୯ଟି ମଣ୍ଡି ଖୋଲିବା ନେଇ ନିଷ୍ପତ୍ତି ହୋଇଛି । ଜିଲ୍ଲାରେ ୧୯ ହଜାର ୬୬୨ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି ।

***Bhadrak/R***

# ଯକ୍ଷ୍ମା ନିରାକରଣ

ଦେଶରୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ସଫଳ କରିବା ପାଇଁ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ **ଭଦ୍ରକ** ଜିଲ୍ଲାରେ ଆରମ୍ଭ ହୋଇଛି। ଜିଲ୍ଲାରେ ୨୦୦୩ ମସିହାରୁ ବର୍ତ୍ତମାନ ସୁଦ୍ଧା ୧୮ ହଜାର ୧୨୪ ଜଣ ଯକ୍ଷ୍ମାରୋଗୀଙ୍କୁ ଚିକିତ୍ସା କରାଯାଇଥିବାବେଳେ ଚଳିତ ମାସରେ ୬୬୯ ଜଣ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଇଛି । ତୃଣମୂଳ ସ୍ତରରେ

ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କ ଜରିଆରେ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଉଛି। ଏ ସମ୍ପର୍କରେ ଜିଲ୍ଲା ଯକ୍ଷ୍ମାରୋଗ ବିଶେଷଜ୍ଞ **ଡାକ୍ତର ସନ୍ତୋଷ କୁମାର ପୃଷ୍ଟି** ଆକାଶବାଣୀକୁ କହିଛନ୍ତି.....

***Voice*** **:.........**

***Kandhamal/R***

# କୃଷି ଯନ୍ତ୍ରପାତି ମେଳା

କନ୍ଧମାଳ ଜିଲ୍ଲାସ୍ଥିତ ଫୁଲବାଣୀ ବି. ଟିମ୍ ପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି । ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ୍ ମେଳାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲାର ପ୍ରତି ବ୍ଲକ୍‌ରୁ ଉଦ୍ୟୋଗୀ ଚାଷୀମାନଙ୍କୁ ଉନ୍ନତ ଯନ୍ତ୍ରପାତି ସହାୟତାରେ ଚାଷ କରି ଅଧିକ ଲାଭବାନ ହେବା ନିମନ୍ତେ ସଚେତନ କରାଯାଉଛି । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Ganjam/R*

# ବନାଗ୍ନି ପ୍ରତିରୋଧ ପ୍ରସ୍ତୁତି

ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ବନଖଣ୍ଡ କାର୍ଯ୍ୟାଳୟ ସଭାଗୃହରେ ବନାଗ୍ନି ପ୍ରତିରୋଧ ଓ ନିରାକରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଆଗାମୀ ଗ୍ରୀଷ୍ମଋତୁର ଯଥେଷ୍ଟ ପୂର୍ବରୁ ବନାଗ୍ନି ପ୍ରଶମନ ଏବଂ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ଗ୍ରାମସଭା କରି ବନାଗ୍ନି ସମ୍ପର୍କରେ ଲୋକଙ୍କୁ ସଚେତନ କରିବାପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା ।

*Desk*

# ପରୀକ୍ଷା ପେ ଚର୍ଚ୍ଚା

ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାପ କମାଇବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନାରେ ଆରମ୍ଭ ହୋଇଥିବା ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା' ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀମାନେ mygov.in ପୋର୍ଟାଲରେ ନାମ ପଞ୍ଜୀକରଣ କରିପାରିବେ। mygov.in ପୋର୍ଟାଲରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ,

ଶିକ୍ଷକ ଓ ଅଭିଭାବକଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ପ୍ରସ୍ତୁତ କରାଯାଇଛି। ଏହାର ମୁଖ୍ୟ କାର୍ଯ୍ୟକ୍ରମ ପାଇଁ ଜାତୀୟ ଯୁବ ଦିବସ ଆସନ୍ତା ଜାନୁଆରୀ ମାସ ୧୨ ତାରିଖରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଖେଳ ଅଧିବେଶନ, ମାରାଥନ୍ ଦୌଡ଼, ପଥପ୍ରାନ୍ତ ନାଟକ, ପୋଷ୍ଟର ତିଆରି ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀଙ୍କ ସହ ମତବିନିମୟ ପାଇଁ ଭାରତର ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ଦ୍ୱାରା ବିଭିନ୍ନ ବିଷୟର ପ୍ରଶ୍ନ ଚୟନ ଲାଗି ପ୍ରୟାସ କରାଯିବ। ପୂର୍ବ ବର୍ଷ ଭଳି ବିଦେଶରେ ଥିବା ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନକୁ ମଧ୍ୟ ଅର୍ନ୍ତଭୁକ୍ତ କରାଯିବ।

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ  ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୭ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍

ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମେଘୁଆ ପାଗ ସହିତ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ଗଜପତି, ଗଞ୍ଜାମ, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି କଳାହାଣ୍ଡି, କନ୍ଧମାଳ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଶୀତର ପ୍ରକୋପ ବୃଦ୍ଧି ପାଇବା ସହ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

*****